# ଛଳନାର ଊର୍ଦ୍ଧ୍ୱକୁ ଉଠି ଚେତନାର ବିକାଶ ପାଇଁ କାର୍ଯ୍ୟ କରିବାକୁ ହେବ : ମନୋଜ ଦାସ

ଭୁବନେଶ୍ୱର, ୪।୧୦(ଅନୁପମ ମିଡ଼ିଆ) : ଚେତନାର ବିକାଶ ତଥା ଗୁଣଗତ ପରିବର୍ତ୍ତନ ନିହାତି ଦରକାର, କେବଳ ବ୍ୟକ୍ତିଗତ ସଚେତନତା ଓ ପ୍ରଚେଷ୍ଟା ଦ୍ୱାରା ହିଁ ଏହା ସମ୍ଭବ । ସାମୂହିକ ଛଳନାରୁ ଉତ୍ତୀର୍ଣ୍ଣ ହୋଇ ଚେତନାର ବିକାଶ ପାଇଁ ଆମେ ସମସ୍ତେ କାର୍ଯ୍ୟ କରିବା ଉଚିତ୍ ବୋଲି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଶିଷ୍ଟ ଲେଖକ ମନୋଜ ଦାସ ମତ ବ୍ୟକ୍ତ କରିଛନ୍ତି ।

ଆଜି ସନ୍ଧ୍ୟାରେ ସୂଚନା ଭବନ ଠାରେ ଦୈନିକ ଖବର କାଗଜ 'ସମ୍ବାଦ'ର ୧୬ଶ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦାସ ତାଙ୍କର ସୁଦୀର୍ଘ ଅଭିଭାଷଣ ପ୍ରଦାନ କରି କହିଲେ ସାମ୍ରାଜ୍ୟବାଦ ରାଜତନ୍ତ୍ର ଓ ସାମନ୍ତବାଦର ବିଲୟ ଘଟିବା ପରେ ଆମେ ସ୍ୱାଧୀନତା ପାଇଛେ । ସ୍ୱାଧୀନତା ଆମକୁ ଅନେକ ସଂସ୍କାର ଆଣି ଦେଇଛି । ତଥାପି ସମସ୍ତ ପ୍ରକାର ସଂସ୍କାରରୁ ମୁକ୍ତ ହୋଇ ପାରିଲେ ଯାଇ ମଣିଷ ସ୍ୱାଧୀନତାର ପ୍ରକୃତ ଅର୍ଥ ହୃଦୟଙ୍ଗମ କରିପାରିବ । ସେ କହିଥିଲେ ଯେ, ପ୍ରେସ ସ୍ୱାଧୀନତା ବା ସମ୍ବାଦପତ୍ରର ସ୍ୱାଧୀନତା ଅର୍ଥ ଯେପରି ପ୍ରତ୍ୟେକ ମଣିଷ ସମସ୍ତ ପ୍ରକାର ଅନ୍ତଃଚେତନାରୁ ମୁକ୍ତ ଅନୁଭବ କରିପାରିବ । ଗଣତନ୍ତ୍ରରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବାଦପତ୍ରର ସ୍ୱାଧୀନତା ବଜାୟ ରହିବ ଇତ୍ୟାଦି ଇତ୍ୟାଦି କଥା କୁହାଯାଇଥାଏ । ତେବେ ସଂସ୍କାରବିରୋଧୀ ଆଭିମୁଖ୍ୟ ଦ୍ୱାରା ସମ୍ବାଦପତ୍ର କ୍ରମଶଃ କବଳିତ ହୋଇଯାଉଥିବାରୁ ଜନସାଧାରଣ ବାସ୍ତବ ଚିତ୍ର ଜାଣିପାରୁନାହାଁନ୍ତି । ମୁଖ୍ୟତଃ ସମାଜର ସବୁକ୍ଷେତ୍ରରେ ଚାତୁର୍ଯ୍ୟ ବଢ଼ୁଛି, ଏହି ଚାତୁର୍ଯ୍ୟ ଯୋଗୁଁ ସମାଜରେ ନାନା ପ୍ରକାର ସମସ୍ୟା ସୃଷ୍ଟି ହେଉଛି । ଏଥିପାଇଁ ଗୋଟିଏ ଗୋଷ୍ଠୀ, ବ୍ୟକ୍ତି ବା ସଂସ୍ଥାକୁ ଦାୟୀ କରାଯାଇପାରିବ ନାହିଁ । ଏଥିପାଇଁ କାହାକୁ ଦାୟୀ କରିବେ । ଜନସାଧାରଣ ଯଦି ଏହାକୁ ଗ୍ରହଣ ନକରିବେ ବା ପୃଷ୍ଠପୋଷକତା ନକରିବେ ତେବେ ସେଭଳି ଚାଲିପାରିବ ନାହିଁ ।

ଦାସ କହିଲେ ଚାରିପ୍ରକାର ସମ୍ବାଦ ଆମେ ଦେଖୁଛୁ : ତା ହେଲା ତୁଚ୍ଛା ଖବର, ଅସତ୍ୟ ଖବର, ବିଭ୍ରାନ୍ତିକର ଖବର ଏବଂ ଉଦ୍‌ଭ୍ରାନ୍ତିକର ଖବର । ଏହା ସମାଜରେ ଅସ୍ଥିରତା ସୃଷ୍ଟି କରିଥାଏ, ଏହା ପଛରେ କି ପ୍ରକାର ଶକ୍ତି ବା ମୌଳିକତା ରହିଛି ତାହାକୁ ବାହାର କରିବାକୁ ପଡ଼ିବ । ମଣିଷ ଭଗବାନଙ୍କ ସନ୍ଧାନରେ ଯାଇ, ଆନନ୍ଦ ଅନ୍ୱେଷଣରେ ଯାଇ ଆମୋଦରେ ବନ୍ଦୀ ହୋଇଯାଉଛି, ଅଧିକ ଅତିଷ୍ଠ ହୋଇଯାଉଛି । ମଣିଷ ପାଇଁ ଶାନ୍ତି, ସ୍ୱସ୍ତି ଦରକାର । ଉଚ୍ଚତର ଚେତନା ମଣିଷକୁ ଶାନ୍ତି ଦେଇପାରେ, ଶାସ୍ତ୍ରୀୟ ସଙ୍ଗୀତରେ ମଣିଷକୁ ଯେଉଁ ଶାନ୍ତି ମିଳେ ରକ ମ୍ୟୁଜିକ୍' ଠିକ୍ ତା'ର ବିପରୀତ । ତଥାପି ମଣିଷ ପାଶ୍ଚାତ୍ୟ ସଙ୍ଗୀତ ଆଡ଼କୁ ମୁହାଁଇଛି । ଏହାଦ୍ୱାରା ଯୁବ ସମାଜ ଡ୍ରଗ୍ସ ସେବନ ପ୍ରତି ଆକୃଷ୍ଟ ହେଉଛନ୍ତି । ଏଥିରୁ ନିବୃତ୍ତ କରାଇବା ଏବଂ ଶାନ୍ତି ଓ ସୁସ୍ଥ ବାତାବରଣ ସୃଷ୍ଟି କରିବା ଦାୟିତ୍ୱ ଆମ ସମସ୍ତଙ୍କର ।

ସେ କହିଲେ ଆଜି ଚାରିଆଡ଼େ 'ନ୍ୟୁଜ୍ ହଙ୍ଗର୍' ବା ଖବର କ୍ଷୁଧା । ଏହା ତାଙ୍କର ସମାଲୋଚନା ନୁହେଁ ବାସ୍ତବ ତଥ୍ୟଭିତ୍ତିକ । ଜ୍ଞାନ ପିପାସା ବଢ଼ିଛି, ଖବର ପ୍ରତି ଆଗ୍ରହ

(ଶେଷ ପୃଷ୍ଠା ଦେଖନ୍ତୁ)

ମୁରଲୀଥରନ ୫୨ ପଏଣ୍ଟ ପାଇ ଶୀର୍ଷସ୍ଥାନରେ ୧୦ମ ସ୍ଥାନ ଦଖଲ କରିଛନ୍ତି ।

# ଛଳନାର ଉର୍ଦ୍ଧ୍ୱକୁ ଉଠି ଚେତନାର ବିକାଶ ପାଇଁ କାର୍ଯ୍ୟ କରିବାକୁ ହେବ

**(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)**

ଜ୍ଞାନ ପିପାସା ବଢ଼ିଛି, ଖବର ପ୍ରତି ଆଗ୍ରହ ସୃଷ୍ଟି ହୋଇଛି । ଏହାର କାରଣ କ'ଣ ? ଆମେ ବାସ୍ତବିକ୍ ଗୋଟିଏ ବିବର୍ତ୍ତନଗତ ସଙ୍କଟ ଭିତରେ ଯାଉଛୁ । ଏହା ଅର୍ଥନୈତିକ ସାମାଜିକ, ସଂସ୍କୃତିକ ବା ରାଜନୈତିକ ସଙ୍କଟ ନୁହେଁ । ମଣିଷ ଚେତନା ଡାକରାରୁ କ୍ରମଶଃ ଅପସରି ଯାଉଛି । ଆଜି କୁଇଜ୍ କମ୍ପିଟିସନ୍ ଚାଲିଛି ତାହା ସେହି 'ନିଉଜ୍ ହଙ୍ଗର' । ଟିଭିରେ ପ୍ରସାରିତ ହେଉଥିବା 'କୌନ୍ ବନେଗା କରୋଡ଼ପତି'ରେ ଯାହାସବୁ ଅତ୍ୟନ୍ତ ଅରୁଚିକର ପ୍ରସଙ୍ଗ ପ୍ରସାରିତ ହେଉଛି ତାହାକୁ ସେ ବିଶ୍ୱାସ କରିପାରୁନାହାଁନ୍ତି । ଯେଉଁ ଦେଶରେ ଦୈନିକ ୪୦ ହଜାର ଶିଶୁ କ୍ଷୁଧାରେ ମରୁଛନ୍ତି ସେ ଦେଶରେ ଲେମ୍ବୁ ଗଛରେ କଣ୍ଟା ନାହିଁ, କଦଳୀ ଗଛରେ କଣ୍ଟା ଅଛି ପ୍ରଶ୍ନୋତ୍ତର ହେଉଛି । ପ୍ରକୃତି ଠୁଁ ମଣିଷ କେତେ ଭିନ୍ନ ଏବଂ ବିଚ୍ଛିନ୍ନ ହୋଇଗଲାଣି ବୋଲି ଉଲ୍ଲେଖ କରି ସେ ଗଭୀର କ୍ଷୋଭ ପ୍ରକାଶ କରିଥିଲେ । ସେ କହିଲେ ଚଳିତ ଶତାବ୍ଦୀ ଅଜ୍ଞାନତାର ପରାଧୀନତାରୁ ମଣିଷକୁ ମୁକ୍ତ କରିବ ।

ରାସ୍ତାରୋକୋ, ଭାରତ ବନ୍ଦ ଭଳି ଘଟଣାକୁ ନାପସନ୍ଦ କରି ଦାସ କହିଲେ ଏଭଳି ମାନସିକତା କିପରି ଲୋକଙ୍କ ମନରେ ସୃଷ୍ଟି ହେଉଛି । ଜନସାଧାରଣଙ୍କ ହିତ ପାଇଁ ଏହା ଉଦ୍ଦିଷ୍ଟ କି ସେମାନଙ୍କୁ ଅଧିକ ଅସୁବିଧାରେ ପକାଉଛି ତାହା ସମସ୍ତେ ବୁଝିବା ଦରକାର । ରାଜନୈତିକ ଦଳ ମାନେ ମଧ୍ୟ ଏହାକୁ ବିରୋଧ ନକରିବା ବିସ୍ମୟଜନକ । ଉଦାହରଣ ପ୍ରସଙ୍ଗରେ ସେ କହିଲେ ବ୍ରହ୍ମପୁରରୁ ଭୁବନେଶ୍ୱର ଆସିବା ବାଟରେ ଥରେ ଏପରି ବନ୍ଦର ସମ୍ମୁଖୀନ ହୋଇଥିଲେ । ଏ ପ୍ରକାର ସାମୂହିକ ଛଳନାରୁ ଉତ୍ତୀର୍ଣ୍ଣ ହୋଇ ସାମାଜିକ ଚେତନାର ବିକାଶ ପାଇଁ ଆମକୁ ଆଗେଇବାକୁ ପଡ଼ିବ ବୋଲି ସେ କହିଥିଲେ । ସାମାନ୍ୟ ଅଧିକ ଉନ୍ନତ ଚେତନା ଆମର ଦରକାର । ସମ୍ବାଦପତ୍ର ଏଦିଗରେ ଉଦ୍ୟମ ଆରମ୍ଭ କରିବା ସହିତ ଆମେ ସମସ୍ତେ ଏହି ଦାୟିତ୍ୱ ପାଳନ କରିବା ଉଚିତ୍ ବୋଲି ସେ କହିଥିଲେ ।

ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଥା'ର କାର୍ଯ୍ୟବାହୀ ସମ୍ପାଦକ ଗୌରହରି ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ନିର୍ଦ୍ଦେଶକ ସଂଜୀବ ମହାନ୍ତି ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଦାସ ଚିତ୍ରାଙ୍କନ, ପ୍ରବନ୍ଧ ଓ ବିତର୍କର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଉତ୍ସବରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସଭାପତି ରମାକାନ୍ତ ରଥଙ୍କ ସମେତ ବହୁ ବିଶିଷ୍ଟ ଲେଖକ, କବି, ସାହିତ୍ୟିକ ତଥା ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ ।